# ତହସିଲ କାର୍ଯ୍ୟାଳୟ, ସଇଁନ୍ତଲା, ଜିଲ୍ଲା- ବଲାଙ୍ଗୀର

ବିଜ୍ଞାପନ ପତ୍ର ସଂଖ୍ୟା. 1060 ତା. 05/08/2021

## ଲଘୁ ଖଣିଜ ଦ୍ରବ୍ୟ ଦିର୍ଘମିୟାଦୀ ନିମନ୍ତେ ବିଜ୍ଞାପନ

( ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ - ୨୦୦୪ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ - ୨୦୧୬ ଅନୁଯାୟୀ )

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବଲାଙ୍ଗିର ଜିଲ୍ଲା ଅଧିନସ୍ଥ ସଇଁନ୍ତଲା ତହସିଲରେ ଥିବା ସାରଣୀ - ୧ ଲିଖିତ ଲଘୁ ଖଣିଜ ଦ୍ରବ୍ୟ ଉତ୍ସ **୨୦୨୧-୨୨ ରୁ ୫** ବର୍ଷ ପାଇଁ ଲିଜ୍ ଆକାରରେ ବନ୍ଦୋବସ୍ତ କରିବା ପାଇଁ ସ୍ଥିର କରାଯାଇଅଛି ଏବଂ ଇଚ୍ଛୁକ ବ୍ୟକ୍ତି ବିଶେଷଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଇଚ୍ଛୁକ ବ୍ୟକ୍ତି ବିଶେଷ ଫର୍ମ **'M'** ସହିତ ଅନ୍ୟାନ୍ୟ ଆବଶ୍ୟକ କାଗଜାତର ତିନି (୩) ସେଟ୍ ଜଉମୁଦ ଲଫାପାରେ ଆସନ୍ତା ୧୬.୦୮.୨୦୨୧ ରିଖ ଦିବା ୧୧.୦୦ ଘଟିକା ସମୟ ପର୍ଯ୍ୟନ୍ତ ତହସିଲଦାର, ସଇଁନ୍ତଲା ଙ୍କ କାର୍ଯ୍ୟାଳୟରେ ଥିବା **DROP BOX** ରେ ଦାଖଲ କରିବା ହେବେ । ଉପରୋକ୍ତ ଧାର୍ଯ୍ୟ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଏ ସମସ୍ତ ଦରଖାସ୍ତ ଗୁଡିକ ସେହି ଦିନ ଦିବା ୧୨.୩୦ ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ଜଉମୁଦ ଲଫାପା ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ, ଦରଖାସ୍ତକାରି ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ଉପସ୍ଥିତ ରହି ପାରନ୍ତି । ଜଉମୁଦ ଲଫାପା ଦାଖଲ ଦେଲାବେଲେ ନିର୍ଦ୍ଦିଷ୍ଟ ଲଫାପାର ଉପର ଭାଗରେ ସୈରାତ ଉତ୍ସର ନାମ ସଠିକ ରୂପେ ଲେଖିବାକୁ ପଡିବ । ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ହୋଇ ନ ଥାଏ ବା ସମସ୍ତ ଦରଖାସ୍ତକାରୀ ଲିଜ୍ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତାହେଲେ ଦ୍ୱିତୀୟ ଥର ପାଇଁ ତା.୨୧.୦୮.୨୦୨୧ ରିଖ ଓ ତୃତୀୟଥର ପାଇଁ ତା.୨୭.୦୮.୨୦୨୧ ରିଖ ଦିବା ୧୨.୩୦ ଘଟିକା ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ସେହିପରି ଭାବେ ଦରଖାସ୍ତ କରିପାରିବେ । ସେ ଗୁଡିକ ଅପରାହ୍ନ ୧.୦୦ ଘଟିକା ସମୟରେ ଉକ୍ତ ଦିନ ମାନଙ୍କରେ ତହସିଲ କାର୍ଯ୍ୟାଳୟରେ ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ, ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟା ରେ ଉପସ୍ଥିତ ରହି ପାରନ୍ତି । ଏହି ବିଜ୍ଞାପନ ସଂମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗିର ଜିଲ୍ଲା Website – http://balangir.nic.in ରେ ଉପଲବ୍ଧ ଅଟେ ।

Scanned by CamScanner

ଦରଖାସ୍ତ ସହିତ ନିମ୍ନଲିଖିତ କାଗଜାତ ଦେବା ବିଧେୟ –

୮. ଦରଖାସ୍ତ ଫିସ ବାବଦକୁ ଟ୍ରେଜରି ଚାଲାଣ ଟ. ୧୦୦୦/- (Non refundable) in Head of account – 0853-Non-Ferrous mining & Metallurgical Industries 102- Mineral concession fee, Rents and Royalties. ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

୯. ଦରଖାସ୍ତ କରୁଥିବା ଲଘୁ ଖଣିଜ ଉତ୍ସର ସମ୍ପୂର୍ଣ୍ଣ ବିବରଣୀ ଏହି ବିଜ୍ଞାପନରେ ଥିବା ଉତ୍ସର ନାମ, ଖାତା ନଂ, ପ୍ଲଟ ନଂ ରକବା ଏବଂ କିସମ ର ସଠିକ ତଥ୍ୟ ଲେଖିବା ବିଧେୟ ।

୧୦. ଦରଖାସ୍ତକାରୀ ଙ୍କ ନାମରେ ଖଣିଜ ଦ୍ରବ୍ୟ ବାବଦରେ ଓଡିଶା ସରକାରଙ୍କର କୌଣସି ଦେୟ ବକେୟା ନ ଥିବା ସମ୍ବନ୍ଧରେ ଏକ ସତ୍ୟ ପାଠ ଦାଖଲ କରିବେ ।

୧୧. ଦରଖାସ୍ତକାରୀ ଙ୍କ ସ୍ଥାବର ସମ୍ପତିର ବିବରଣୀ ତଥା ସେହି ସମ୍ପତି ସମ୍ବନ୍ଧୀୟ Solvency Certificate ସାରଣୀ – ୧ ର ସ୍ତମ୍ଭ - ୧୧ ରେ ଦର୍ଶିତ ମୂଲ୍ୟ ବା ତଦୁର୍ଦ୍ଧ ଦାଖଲ କରିବେ କିମ୍ବା ସମମୂଲ୍ୟର Bank Guarantee ଯାହାର ଅବଧି ପରବର୍ତି ୧୮ ମାସ ପର୍ଯ୍ୟନ୍ତ ଥିବ ତାହା ଦାଖଲ କରିବେ ।

୧୨. EMD ମୂଲ୍ୟର BANK DRAFT Tahasildar, Saintala & payble at SBI Saintala ଙ୍କ ନାମେ ପ୍ରସ୍ତୁତ କରି ଦରଖାସ୍ତ ଫର୍ମ ସହିତ ସଂଲଗ୍ନ କରିବେ । ଯୋଗ୍ୟ ବିବେଚିତ ହୋଇପାରିନଥିବା ନିଲାମଧାରିଙ୍କ EMD ଟଙ୍କା ଉକ୍ତ ଉତ୍ସର ବନ୍ଦୋବସ୍ତ ସ୍ଥିରକୃତ ହେଲା ପରେ ଓ ବ୍ୟକ୍ତିବିଶେଷଙ୍କ ଠାରୁ ଦରଖାସ୍ତ ପାଇଲା ପରେ ଫେରସ୍ତ କରାଯିବ ।

ଦରଖାସ୍ତ ଫର୍ମ ସହିତ, ଦରଖାସ୍ତକାରୀ ଉପରୋକ୍ତ କାଗଜାତ୍ ଗୁଡିକ ଦାଖଲ ନଦେଲେ ତାଙ୍କ ଦରଖାସ୍ତ କୁ ବିଚାରକୁ ନିଆଯିବ ନାହିଁ ।

୧୩. କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ ବା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ରହିଛି ।

୧୪. ସମସ୍ତ ଦରଖାସ୍ତକାରୀ Odisha Minor Mineral Concession Rules 2016 ଓ Odisha Minor Mineral Concession (Amendment) Rules 2017 ର ସମସ୍ତ ସର୍ତାବଳୀକୁ ପାଳନ କରିବା ବିଧେୟ ।

**ଏତତ୍ ବ୍ୟତୀତ ଦରଖାସ୍ତକାରୀ ମାନେ ନିମ୍ନୋକ୍ତ ସର୍ତ ଗୁଡିକ ସମ୍ବନ୍ଧରେ ଧ୍ୟାନ ରଖି ଦରଖାସ୍ତ କରିବା ପାଇଁ ଅବଗତି କରାଯାଉଅଛି ।**

୧୪. ଦରଖାସ୍ତ ଦେବା ପୂର୍ବରୁ ସୈରାତ୍ ଉତ୍ସ ଗୁଡିକୁ ପରିଦର୍ଶନ କରି ସୈରାତ୍ ପରିଚାଳନା ପାଇଁ ଗମନାଗମନର ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ପଦାର୍ଥ ଆଦି ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ହେବେ ।

୧୫. OMMC Rules, 2016 ଅନୁଯାୟୀ ପଥର ଉତ୍ସ ପାଇଁ ପଥରର ପ୍ରତି ଘନ ମିଟର ପିଛା Royalty ବାବଦକୁ ୧୩୦ ଟଙ୍କା ଧାର୍ଯ୍ୟ ହୋଇଅଛି । ଏହା ଅପରିବର୍ତିତ । ମାତ୍ର ଯୋଗ୍ୟ ଦରଖାସ୍ତକାରୀଙ୍କୁ ସାରଣୀ – ୧ ର ସ୍ତମ୍ଭ - ୧୦ ରେ ଲିଖିତ ନିର୍ଦ୍ଦିଷ୍ଟ ଉତ୍ସ ଅନୁଯାୟୀ Additional Charge ର ମୂଲ୍ୟ ବା ତଦୁର୍ଦ୍ଧ quote କରିବା କୁ ପଡିବ । କୌଣସି ପରିସ୍ଥିତିରେ Additional Charge ର ମୂଲ୍ୟରୁ କମ୍ ଦରରେ ଲିଜ୍ ଅନୁମୋଦନ କରାଯିବ ନାହିଁ । ଯଦି ଏକାଧିକ ଦରଖାସ୍ତ କାରୀ ସର୍ବୋଚ୍ଚ ସମ ପରିମାଣର Additional Charge ଦାଖଲ ଦେଇଥାନ୍ତି

Scanned by CamScanner

ଦରଖାସ୍ତ ସହିତ ନିମ୍ନଲିଖିତ କାଗଜାତ ଦେବା ବିଧେୟ –

୮. ଦରଖାସ୍ତ ଫିସ ବାବଦକୁ ଟ୍ରେଜରି ଚାଲାଣ ଟ. ୧୦୦୦/- (Non refundable) in Head of account – 0853-Non-Ferrous mining & Metallurgical Industries 102- Mineral concession fee, Rents and Royalties. ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

୯. ଦରଖାସ୍ତ କରୁଥିବା ଲଘୁ ଖଣିଜ ଉତ୍ସର ସମ୍ପୂର୍ଣ୍ଣ ବିବରଣୀ ଏହି ବିଜ୍ଞାପନରେ ଥିବା ଉତ୍ସର ନାମ, ଖାତା ନଂ, ପ୍ଲଟ ନଂ ରକବା ଏବଂ କିସମ ର ସଠିକ ତଥ୍ୟ ଲେଖିବା ବିଧେୟ ।

୧୦. ଦରଖାସ୍ତକାରୀ ଙ୍କ ନାମରେ ଖଣିଜ ଦ୍ରବ୍ୟ ବାବଦରେ ଓଡିଶା ସରକାରଙ୍କର କୌଣସି ଦେୟ ବକେୟା ନ ଥିବା ସମ୍ବନ୍ଧରେ ଏକ ସତ୍ୟ ପାଠ ଦାଖଲ କରିବେ ।

୧୧. ଦରଖାସ୍ତକାରୀ ଙ୍କ ସ୍ଥାବର ସମ୍ପତିର ବିବରଣୀ ତଥା ସେହି ସମ୍ପତି ସମ୍ବନ୍ଧୀୟ Solvency Certificate ସାରଣୀ – ୧ ର ସ୍ତମ୍ଭ – ୧୧ ରେ ଦର୍ଶିତ ମୂଲ୍ୟ ବା ତଦୁର୍ଦ୍ଧ ଦାଖଲ କରିବେ କିମ୍ବା ସମମୂଲ୍ୟର Bank Guarantee ଯାହାର ଅବଧି ପରବର୍ତି ୧୮ ମାସ ପର୍ଯ୍ୟନ୍ତ ଥିବ ତାହା ଦାଖଲ କରିବେ ।

୧୨. EMD ମୂଲ୍ୟର BANK DRAFT Tahasildar, Saintala & payble at SBI Saintala ଙ୍କ ନାମେ ପ୍ରସ୍ତୁତ କରି ଦରଖାସ୍ତ ଫର୍ମ ସହିତ ସଂଲଗ୍ନ କରିବେ । ଯୋଗ୍ୟ ବିବେଚିତ ହୋଇପାରିନଥିବା ନିଲାମ୍‌ଧାରିଙ୍କ EMD ଟଙ୍କା ଉକ୍ତ ଉତ୍ସର ବନ୍ଦୋବସ୍ତ ସ୍ଥିରକୃତ ହେଲା ପରେ ଓ ବ୍ୟକ୍ତିବିଶେଷଙ୍କ ଠାରୁ ଦରଖାସ୍ତ ପାଇଲା ପରେ ଫେରସ୍ତ କରାଯିବ ।

ଦରଖାସ୍ତ ଫର୍ମ ସହିତ, ଦରଖାସ୍ତକାରୀ ଉପରୋକ୍ତ କାଗଜାତ୍ ଗୁଡିକ ଦାଖଲ ନଦେଲେ ତାଙ୍କ ଦରଖାସ୍ତ କୁ ବିଚାରକୁ ନିଆଯିବ ନାହିଁ ।

୧୩. କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ ବା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ରହିଛି ।

୧୪. ସମସ୍ତ ଦରଖାସ୍ତକାରୀ Odisha Minor Mineral Concession Rules 2016 ଓ Odisha Minor Mineral Concession (Amendment) Rules 2017 ର ସମସ୍ତ ସର୍ତାବଳୀକୁ ପାଳନ କରିବା ବିଧେୟ ।

**ଏତତ୍ ବ୍ୟତୀତ ଦରଖାସ୍ତକାରୀ ମାନେ ନିମ୍ନୋକ୍ତ ସର୍ତ ଗୁଡିକ ସମ୍ବନ୍ଧରେ ଧ୍ୟାନ ରଖି ଦରଖାସ୍ତ କରିବା ପାଇଁ ଅବଗତି କରାଯାଉଅଛି ।**

୧୪. ଦରଖାସ୍ତ ଦେବା ପୂର୍ବରୁ ସୈରାତ୍ ଉତ୍ସ ଗୁଡିକୁ ପରିଦର୍ଶନ କରି ସୈରାତ୍ ପରିଚାଳନା ପାଇଁ ଗମନାଗମନର ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ପଦାର୍ଥ ଆଦି ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ହେବେ ।

୧୫. OMMC Rules, 2016 ଅନୁଯାୟୀ ପଥର ଉତ୍ସ ପାଇଁ ପଥରର ପ୍ରତି ଘନ ମିଟର ପିଛା Royalty ବାବଦକୁ ୧୩୦ ଟଙ୍କା ଧାର୍ଯ୍ୟ ହୋଇଅଛି । ଏହା ଅପରିବର୍ତିତ । ମାତ୍ର ଯୋଗ୍ୟ ଦରଖାସ୍ତକାରୀଙ୍କୁ ସାରଣୀ – ୧ ର ସ୍ତମ୍ଭ - ୧୦ ରେ ଲିଖିତ ନିର୍ଦ୍ଧିଷ୍ଟ ଉତ୍ସ ଅନୁଯାୟୀ Additional Charge ର ମୂଲ୍ୟ ବା ତଦୁର୍ଦ୍ଧ quote କରିବା କୁ ପଡିବ । କୌଣସି ପରିସ୍ଥିତିରେ Additional Charge ର ମୂଲ୍ୟରୁ କମ୍ ଦରରେ ଲିଜ୍ ଅନୁମୋଦନ କରାଯିବ ନାହିଁ । ଯଦି ଏକାଧିକ ଦରଖାସ୍ତ କାରୀ ସର୍ବୋଚ୍ଚ ସମ ପରିମାଣର Additional Charge ଦାଖଲ ଦେଇଥାନ୍ତି

Scanned by CamScanner

ତାହେଲେ ଏହା ଲଟେରୀ ମାଧ୍ୟମରେ ଚୟନ କରାଯିବ । ଯୋଗ୍ୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ସାତ ଦିନ ମଧ୍ୟରେ Form – J ମାଧ୍ୟମରେ ଏ ବିଷୟରେ ଜଣାଇଦିଆଯିବ । ଏବଂ ତାଙ୍କର ସହମତି ୧୫ ଦିନ ମଧ୍ୟରେ ତହସିଲଦାରଙ୍କୁ ଲିଖିତ ଆକାରରେ ଜଣାଇବେ ।

୧୬. ଉକ୍ତ ପରିଚାଳନା ପୂର୍ବରୁ ଉପଯୁକ୍ତ ପଦାଧିକାରୀଙ୍କ ଠାରୁ Mining Plan ପ୍ରସ୍ତୁତ ଓ Environmental Clearance ପ୍ରସ୍ତୁତ ଖର୍ଚ୍ଚ ପଇଠ କରିବାକୁ ହେବ । ଏହା ବ୍ୟତୀତ ଓଡିଶା ରାଜ୍ୟ ପ୍ରଦୂଷଣ ଶାଖା, ସମ୍ବଲପୁର ଙ୍କ ଠାରୁ CTE (Consent to Establish)/ CTO (Consent to Operate) ର ଆଦେଶ ମଧ୍ୟ ଉତ୍ସର ପରିଚାଳନା ପୂର୍ବରୁ ତହସିଲ କାର୍ଯ୍ୟାଳୟରେ ଦାଖଲ ଦେବାକୁ ହେବ ।

୧୭. ଏଥିସହ Royalty or Dead Rent, Surface Rent, Fees for compensatory afforestation / fees for Environment Management Fund (EMF)/ fees for District Mineral Fundation (DMF) ଏବଂ Income Tex ବାବଦକୁ ନିର୍ଦ୍ଧାରିତ ଦେୟ ପଇଠ କରିବାକୁ ହେବ ଏବଂ ଉପରୋକ୍ତ ଦେୟ ଦାଖଲ କରିବା ପରେ ତିନି ସପ୍ତାହ ମଧ୍ୟରେ Indian Registration Act & Stamp Act. ଅନୁସାରେ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିବେ । ଏଥିରେ ଅବହେଳା ହେଲେ ଚୟନ କରାଯାଇଥିବା ବ୍ୟକ୍ତିଙ୍କୁ ଆଗ୍ରାହ୍ୟ କରାଯିବ ।

୧୮. ଯଦି ଲିଜଧାରୀଙ୍କର ରୟାଲଟି ଦାଖଲ ପରେ କିମ୍ବା ଚୁକ୍ତି ପରେ ଆକସ୍ମିକ ମୃତ୍ୟୁ ହୁଏ, ତାହେଲେ ତାଙ୍କର ଉ ରାଧିକାରୀ କିମ୍ବା କ୍ଷମତା ପ୍ରାପ୍ତ ଅଧିକାରୀ ଉକ୍ତ ଉତ୍ସଟିକୁ ଲିଜ୍ ଅବଧି ଶେଷ ପର୍ଯ୍ୟନ୍ତ ସରକାରୀ ଦେୟ ପୈଠ କରି ପରିଚାଳନା କରି ପାରିବେ ।

୧୯. ଯଦି ଯୋଗ୍ୟ ସର୍ବୋଚ୍ଚ ନିଲାମଧାରି ଠିକ୍ ସମୟରେ ସରକାରୀ ଦେୟ ପୈଠ ନ କରନ୍ତି ବା ନିଲାମର ସର୍ତ୍ତାବଳୀ ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ସର୍ବୋଚ୍ଚ ଯୋଗ୍ୟ ପ୍ରାର୍ଥୀଙ୍କୁ ସୈରାତ ଉତ୍ସ ପରିଚାଳନା ପାଇଁ ଆବଶ୍ୟକୀୟ ସରକାରୀ ଦେୟ ପୈଠ ପାଇଁ ଆହ୍ୱାନ କରାଯିବ ଏବଂ ସମସ୍ତ ସରକାରୀ ଦେୟ ପୈଠ ପରେ ଓ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ଚୁକ୍ତି ପରେ ସୈରାତ ଉତ୍ସ ପରିଚାଳନା ପାଇଁ ତାଙ୍କୁ ସୁଯୋଗ ଦିଆଯିବ ।

୨୦. ହିସାବ ଅନୁଯାଇ ରୟାଲଟି ଏବଂ Additional Charge ର ୫% Odisha Environmental Management Fund Trust, Bhubaneswar ବାବଦକୁ ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରେ Demand Draft ଆକାରରେ ଦାଖଲ କରିବେ ।

୨୧. ଲିଜ୍ଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ concrete pillar ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ Display Board ତିଆରିକରି ସେଥିରେ ସୈରାତ ଉତ୍ସର ନକ୍ସା ସହିତ ଉତ୍ସର ନାମ, ଜମିର ବିବରଣୀ ତଥା ମଞ୍ଜୁର ହୋଇଥିବା ସମୟ ସୀମା ଉଲ୍ଲେଖ କରିବେ ।

୨୨. ବାର୍ଷିକ ମୋଟ ଦେୟ ର ୨ % ଲିଜ୍ ଧାରୀ ଆୟକର (TDS) ଆକାରରେ ଟଙ୍କା ଜମା କରିବେ ।

୨୩. ଲିଜ୍ ପରେ ସୈରାତ ଚଲାଇବା ସଂପର୍କରେ କୌଣସି ଆପତି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୨୪. ଲିଜ୍ ଦିଆଯାଇଥିବା ଅବଧି ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ହେଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

Scanned by CamScanner

୨୫. ଲଘୁ ଖଣିଜ ପଦାର୍ଥ ପାଇଁ Royalty, Surface Rent & Dead Rent ନିମ୍ନ ମତେ ଧାର୍ଯ୍ୟ ହୋଇଅଛି । ଏବଂ ଯୋଗ୍ୟ ନିଲାମଧାରୀଙ୍କୁ ପ୍ରତ୍ୟେକ ବର୍ଷର Minimum Guaranteed Quantity ଉପରେ ଆବଶ୍ୟକୀୟ ସରକାରୀ ଦେୟ ପଇଠ କରିବାକୁ ପଡିବ ।

୬. Stone (per cubic meter) — Rs. 130.00 (Royalty)
୭. Surface Rent — Rs. 360.00 (ପ୍ରତିବର୍ଷ)
୮. Dead Rent (per hect) — Rs. 18000.00 (for stone)

୨୬. ଯଦି ଯୋଗ୍ୟ ନିଲାମଧାରୀ ନିଲାମର ସର୍ତାବଳୀ ଖିଲାପ କରନ୍ତି, ତାହେଲେ EMD ଓ Security Deposit ବାବଦକୁ ଥିବା ଦେୟକୁ ବାଜ୍ୟାପ୍ତି କରାଯିବ ଏବଂ ଆବଶ୍ୟକ ସ୍ଥଳେ ବକେୟା ସରକାରୀ ଦେଇ OPDR Case ମାଧ୍ୟମରେ ଆଦାୟ କରାଯିବ ।

ଲିଜ ଚୁକ୍ତିନାମା ଦସ୍ତଖତ ପରେ ଯଦି କୌଣସି ଲିଜା ଧାରୀ Odisha Minor Mineral Concession Rules, 2016 ଏବଂ Odisha Minor Mineral Concession (Amendment) Rules 2017 ର ଉଲଂଘନ କରନ୍ତି ତାହେଲେ ଲିଜଧାରିଙ୍କର ଲିଜ୍ କୁ ରାଜ୍ୟ ସରକାରଙ୍କ କ୍ଷମତା ପ୍ରାପ୍ତ ଅଧିକାରୀ ଖାରଜ କରିପାରିବେ । କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲକରିବା, ପରିବର୍ତନ କରିବା, ତ୍ରୁଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବାର କ୍ଷମତା ନିମ୍ନ ସ୍ୱାକ୍ଷର ଅଧୀକାରୀଙ୍କର ରହିଅଛି ।

ଲଘୁ ଖଣିଜ ଉତ୍ସର ସମସ୍ତ ସବିଶେଷ ବିବରଣୀ ସାରଣୀ – ୧ ରେ ବର୍ଣ୍ଣିତ ଅଛି ।

ବର୍ଷ – ୨୦୨୧-୨୨

| କ୍ର. ନଂ. | ଉତ୍ସର ନାମ / ମୌଜା | ମୌଜାର ନାମ | ଜମିର ତଫସିଲ | | | | Royalty (in Rs.) | Minimum Additional Charges (in Rs.) | Minimum Guaranteed quantity (in cam per year) | Interest free security deposit (in Rs.) |
|---|---|---|---|---|---|---|---|---|---|---|
| | | | ଖାତା ନଂ | ପ୍ଲଟ ନଂ | ଏକର | ହେକ୍ଟର | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | କନ୍ଧକେଲଗାଁ ପଥର ଖଣି | କନ୍ଧକେଲଗାଁ | ୧୫୯ | ୬୧୪, ୭୭୦, ୭୯୫ | ୪.୨୦ | ୧.୬୯ | 130.00 | 07.00 | 1382 | 9467.00 |

ତହସିଲଦାର, ସଇଁନ୍ତଲା

ଜ୍ଞାପକ ସଂଖ୍ୟା 1061 ତାରିଖ 05/04/2021

ଏହାର ଏକକିତା ନକଲ ସମସ୍ତ ତହସିଲଦାର, ଜିଲ୍ଲା – ବଲାଙ୍ଗିର / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସଇଁନ୍ତଲା / ରାଜସ୍ୱ ନିରୀକ୍ଷକ, ସଇଁନ୍ତଲା, ବେଲଗାଁ, ଘୁନସର, କୁମ୍ଭାରୀ, ଗଣ୍ଡପତ୍ରାପାଲି, ଟିକ୍ରାପଡା, ସମ୍ପୃକ୍ତ ଗ୍ରାମ / ଗ୍ରା.ପ. ସରପଂଚ ଅବଗତି ତଥା ନୋଟିସ ବୋର୍ଡରେ ପ୍ରକାଶନ କରି ବିସ୍ତୃତ ଭାବେ ପ୍ରଚାର କରିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ସଇଁନ୍ତଲା

Scanned by CamScanner

ଜ୍ଞାପକ ସଂଖ୍ୟା. 1062 ତାରିଖ. 05/08/2021

ଏହାର ଏକକିତା ନକଲ ଜିଲ୍ଲାପାଳ, ବଲାଙ୍ଗିର / ଉପ-ଜିଲ୍ଲାପାଳ, ଟିଟିଲାଗଡ ଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜଣାଇଦିଆଗଲା ।

ତହସିଲଦାର, ସଇଁତଲା

ଜ୍ଞାପକ ସଂଖ୍ୟା. 1063 ତାରିଖ. 05/08/2021

ଏହାର ଏକକିତା ନକଲ ସଇଁତଲା, ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ / ତହସିଲ ନାଜିରଙ୍କ ଅବଗତି ବିସ୍ତୃତ ପ୍ରଚାର କରିବା ନିମନ୍ତେ ପ୍ରକାଶ କରାଗଲା ।

ତହସିଲଦାର, ସଇଁତଲା

ଜ୍ଞାପକ ସଂଖ୍ୟା. 1064 ତାରିଖ. 05/08/2021

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ (NIC) ବଲାଙ୍ଗିର ଙ୍କ ଅବଗତି ତଥା ଜିଲ୍ଲା Website ରେ ପ୍ରଦର୍ଶିତ କରିବା ନିମନ୍ତେ ଜଣାଇଦିଆଗଲା ।

ତହସିଲଦାର, ସଇଁତଲା

Scanned by CamScanner